# ସମନ୍ୱିତ କୃଷି ବିକାଶ କାର୍ଯ୍ୟକ୍ରମ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

















# MICRO PLANNING

**1 Stress**

| |  |  |  |
|---|---|---|---|
|  | | | |
|  | | | |
|  | | | |
|  | | | |
|  | | | |
|  | | | |


MICRO PLANNING

2 Resources




MICRO PLANNING

# 3 Planning Integration





# “ଗ୍ରାମୀଣ ଜୀବନ ରେ କୂକୂଡ଼ା ପାଳନ ରୋଜ୍‌ଗାର ର ଏକ ଉପଯୋଗୀ ମାଧ୍ୟମ”



1. ରାତ୍ରୀକାଳୀନ ବାସ ଗୃହ ନିର୍ମାଣ
2. ରକ୍ଷଣା ବେକ୍ଷଣ ଓ ପରିଚାଳନା
3. ନିୟମିତ ଟୀକାକରଣ
4. ଆୟ ବ୍ୟୟ ର ହିସାବ ରଖିବା

# କୁକୁଡ଼ା ର ସୁଷମ ଖାଦ୍ୟ



| ଖାଦ୍ୟ ର ପ୍ରକାର | ଉପକାରିତା | ଉତ୍ସ/ମାଧ୍ୟମ |
|---|---|---|
| ଶକ୍ତି ଜାତୀୟ | ଶରୀର ର ଉତ୍ତାପ ନିୟନ୍ତ୍ରଣ କରେ ଓ ପକ୍ଷୀ ମାନଙ୍କର ଗତି କୁ ପ୍ରଭାବିତ କରେ । | ଧାନ, ଗହମ,ମକା, ଏବଂ ସେ ଗୁଡିକର କୁଣ୍ଡା,ବାଜରା,ମାଣ୍ଡିଆ, ବାଡ଼ି ଆଳୁ,କଦଳୀ ର ମୂଳ, ଚେର ଓ ମୂଳ ଜାତୀୟ ଫସଲ । |
| ପ୍ରୋଟିନ ଯୁକ୍ତ | ଶରୀର ବୃଦ୍ଧି କରାଏ<br>ଅଣ୍ଡା ଉତ୍ପାଦନ ରେ ସହାୟକ ହୁଏ, ପକ୍ଷୀ ମାନଙ୍କୁ ସୁସ୍ଥ ରଖେ । | ଉଇ ଛୋଟ ପୋକ, ମାଛକାତି  ଶାଗ  ପତ୍ର, ମଟର, ପିଡିଆ, ନଡ଼ିଆ ଗଜା, ତାଳ ଇତ୍ୟାଦି । |
| ଧାତବ ଯୁକ୍ତ | ହାଡ ଓ ଅଣ୍ଡା ଖୋଳପା ଗଠନ କରିବା ପକ୍ଷୀ ମାନଙ୍କୁ ସୁସ୍ଥ ରଖେ । | ଗେଣ୍ଡା ଶାମୁକା ଆଦି ର ଖୋଳପା, ହାଡ ଓ ଅଣ୍ଡା ଖୋଳପା ର କ୍ଷୟାଂଶ । |
| ଭିଟାମିନ ଯୁକ୍ତ | ହାଡ  ଓ ଅଣ୍ଡା ଖୋଳପା ଗଠନ କରିବା<br>ଶରୀର ବୃଦ୍ଧି କରାଏ, ଅଣ୍ଡା  ଉତ୍ପାଦନ ରେ ଓ ଚିଆଁ ଫୁଟାଇବା ରେ ସହାୟକ ହୁଏ । | ସବୁଜ ପତ୍ର ଯଥା : ସଜନା ପତ୍ର, ଅନ୍ୟାନ୍ୟ ଶାଗ ପତ୍ର,ଆଜୋଲା, ସୂର୍ଯ୍ୟ କିରଣ ଆଦି । |


# ଦେଶୀ କୁକୁଡ଼ା ଙ୍କ ପ୍ରଧାନ ରୋଗ ଓ ତା'ର ଟୀକାକରଣ




ଠିକ ସମୟରେ ଟୀକା କରଣ କରା ଗଲେ ରାଣୀକ୍ଷେତ, କୁକୁଡ଼ା ବସନ୍ତ ଆଦି ରୋଗ କୁ ପ୍ରତିହିତ  କରାଯାଇ ପାରିବ ।
ସେହିପରି  ପରିଷ୍କାର ପରିଛନ୍ନତା ଓ ଶୁଦ୍ଧ ଜଳ ମାଧ୍ୟମରେ ଅନେକ ଗୁଡିଏ କୁକୁଡ଼ା ରୋଗକୁ ଏଡାଇ ଦିଆ ଯାଇ ପାରିବ ।

# ଦେଶୀ କୁକୁଡ଼ା ପାଳନ ରେ - ଚିଆଁ ର ପ୍ରବନ୍ଧନ



ପ୍ରଥମ ଦୁଇ ସପ୍ତାହ ର (ପ୍ରଥମ ଦୁଇ ଦିନ) ଏକ ଲିଟର ପାଣି ରେ 1 ଚାମଚ ହଳଦୀ ମିଶାଇ ଦିଅନ୍ତୁ



ଜାଲି ପବନ ଚଳାଚଳ ହେଲା ପରି ହୋଇଥିବ ଜାଲି ଓ ତଳ ଚଟାଣ ନିୟମିତ ସଫା କରି ମୃତ୍ୟୁ ରୁ ବଞ୍ଚାଇ ପାରିବା



ଟୀକାକରଣ ର ଛଅ ଦିନ ପୂର୍ବ ରୁ କୃମୀ ନାଶକ ଔଷଧ ଦେଇ କୃମୀ ମୁକ୍ତ କରନ୍ତୁ





ରାଣୀକ୍ଷେତ ରୋଗ ପାଇଁ ଚିଆ ଜନ୍ମ ର ପରେ ଛଅ ମାସ ପର୍ଯ୍ୟନ୍ତ ପ୍ରତି ମାସ ରେ ଟୀକାକରଣ ତା ପରେ ପ୍ରତି ଦୁଇ ମାସ ରେ ଥରେ କରନ୍ତୁ। କୁକୁଡ଼ା ବସନ୍ତ ପାଇଁ ଚିଆ ଜନ୍ମ ର ଦୁଇ ମାସ ବର୍ଷ ରେ ଥରେ ଦିଅନ୍ତୁ।

| କୁକୁଡ଼ା ର ବୟସ (ସପ୍ତାହ ରେ) | ଆବଶ୍ୟକ ଦାନା ପ୍ରତି ଦିନପ୍ରତି ଚିଆଁ (ଗ୍ରାମ ରେ) |
|---|---|
| ପ୍ରଥମ ସପ୍ତାହ | 10-15 ଗ୍ରାମ |
| ଦ୍ଵିତୀୟ ସପ୍ତାହ | 15-20 ଗ୍ରାମ |
| 3-4 ସପ୍ତାହ | 25-30 ଗ୍ରାମ |
| 5-8 ସପ୍ତାହ | 50 ଗ୍ରାମ |

| ଚିଆଁ ପାଇଁ ଦାନା ପ୍ରସ୍ତୁତି ର ବିଧି (0-8 ସପ୍ତାହ) | | |
|---|---|---|
| ଖାଦ୍ୟ ର ପ୍ରକାର | ଦରକାରୀ ଫସଲ/ ଦ୍ରବ୍ୟ | ପ୍ରତିଶତ |
| ଖାଦ୍ୟ ଶସ୍ୟ | ମକା, ବାଜାରା, ଜୋୱାର | 50-70% |
| ତେଲ ପିଡିଆ | ଚିନା ବାଦାମ, ରାଶି, ସୋୟାବିନ, ସୋରିଷ | 20-30% |
| ମାଛ ତିଆରି ଖାଦ୍ୟ | ଶୁଖା ମାଛ | 10% |

# ଦେଶୀ କୁକୁଡ଼ା ର ଘରୋଇ ଉପଚାର ବିଧି



ଚିଆଁ ଜନ୍ମ ହେବାର 8 ଦିନ ପର୍ଯ୍ୟନ୍ତ 1 ଚାମଚ ହଳଦୀ ପିଇବା ପାଣି  ରେ ମିଶାଇ ଦିଅନ୍ତୁ



ପ୍ରତି 15 ଦିନ ରେ ଥରେ ମୁଠାଏ  କଲରା ପତ୍ର ଗୁଣ୍ଡ 1 ଲିଟର ପାଣି ରେ ମିଶାଇ ଦିଅନ୍ତୁ



କୁକୁଡ଼ା କୁ ଚର୍ମ ଉକୁଣୀ 10 ଖଣ୍ଡ ବଚ ପତ୍ର ସହ 3 ଲିଟର ପାଣି ରେ ମିଶାଇ କୁକୁଡ଼ା ର ମୁଣ୍ଡ କୁ ଛାଡି ବୁଡାଇ କାଢ଼ି ଦିଅନ୍ତୁ



ପୋଟାସିୟମ ପରମାଙ୍ଗନେଟ (KMNO4) ରେ ଘା ସଫା କରି ହଳଦୀ ଓ ନିମ୍ବ ର ଲେପ ଦିଅନ୍ତୁ



କୁକୁଡ଼ା ଶ୍ୱାସ ନେବାରେ ଅସୁବିଧା ହେଲେ 10 ଗ୍ରାମ ଅଦା,ହଳଦୀ, ରସୁଣ, 5 ଟି ଗୋଲମରିଚ କୁ ଗୁଣ୍ଡ କରି ଦିଅନ୍ତୁ 5 ବଡ କୁକୁଡ଼ା ପାଇଁ ଯଥେଷ୍ଟ



ଘା ବା କଟି ଗଲେ ଫିଟିକିରି ଗୁଣ୍ଡ ରେ ସଫା କରନ୍ତୁ ନିମ୍ବ ତେଲ ଓ ହଳଦୀ ମିଶାଇ ଦିଅନ୍ତୁ



କ୍ୟାଲସିୟମ  ର ଦୂର ପାଇଁ ଅଣ୍ଡାଖୋଲ ଚୂର୍ଣ୍ଣ  ଦିଅନ୍ତୁ



କୃମୀ ପାଇଁ 100 ଗ୍ରାମ ଅମୃତଭଣ୍ଡା ମଞ୍ଜି ଶୁଖାଇ ଦାନା ସହ ମିଶାଇ ଦିଅନ୍ତୁ



ଝାଡା ହେଲେ କୋରେଇ/ ଇନ୍ଦ୍ରଯବ ଗଛ ର ଛାଲି ର ରସ 2 ଥର 3 ଦିନ ଦିଅନ୍ତୁ



ପତଳା ଝାଡା ପାଇଁ 5 ମିଲି  ଲେମ୍ବୁ ଓ 10 ମିଲି ଦେଶୀ ମଦ ମିଶାଇ ଦିଅନ୍ତୁ



ଝାଡା ହେଲେ କୋରେଇ/ ଇନ୍ଦ୍ରଯବ ଗଛ ର ଛାଲି ର ରସ 2 ଥର 3 ଦିନ ଦିଅନ୍ତୁ



ଧଳା ଝାଡା ପାଇଁ 0.1% ପୋଟାସିୟମ ପରମାଙ୍ଗନେଟ (KMNO4) 5 ବୁନ୍ଦା ବଡ, 3 ବୁନ୍ଦା ମଧ୍ୟମ, 2 ବୁନ୍ଦା ଚିଆଁ କୁ 3 ଦିନ ଦିଅନ୍ତୁ



(ଖରା ଦିନେ) ତାପମାତ୍ରା ନିୟନ୍ତ୍ରଣ ପାଇଁ ଘିକୁଆଁରୀ ର ବ୍ୟବହାର କରନ୍ତୁ




ଝାଡା ହେଲେ 2 ବୁନ୍ଦା 5 ଦିନ ପର୍ଯ୍ୟନ୍ତ ଦିଅନ୍ତୁ  (LIV-52)



ଖରା ଦିନେ ଦାନା ସହ ମିଶାଇ ଦିଅନ୍ତୁ



ନିମ୍ବ ପତ୍ର ରସ, ନଡ଼ିଆ ତେଲ 4: 1 ମାତ୍ର ରେ ଗରମ କରନ୍ତୁ । ଶେଷ 1 ଭାଗ ରହିଲେ ଛାଣି ଉପଯୋଗ  କରନ୍ତୁ ଛଅ ମାସ ପର୍ଯ୍ୟନ୍ତ ବ୍ୟବହାର କରା ଯାଇ ପାରିବ

# ଉନ୍ନତ ପଦ୍ଧତି ରେ ମାଛ ଚାଷ

## ମାଛ ଚାଷ ର ଛଅ ସୂତ୍ର


ହଳ କରିବା


ଚୂନ ପକେଇବା


ପି. ଏଚ୍. ପରୀକ୍ଷା


ପ୍ଲବକ ପରୀକ୍ଷା


ଖାଦ୍ୟ ଦେବା


ବୃଦ୍ଧି ପରୀକ୍ଷା

# ମାଛ ଛାଡିବାର ଅନୁପାତ

ଭାକୁର - 30%
ରୋହି- 30%
ମିରିକାଲୀ -20 %
ଗ୍ରାସ କ୍ରାପ- 20 %




ବନ୍ଧ ରେ ଯଦି ଅଧିକ ଜୈବିକ ଖାଦ୍ୟ ଅଛି - ଗ୍ରାସ କ୍ରାପ
ବନ୍ଧ ଯଦି ଗଭୀର ଅଛି - ରହୁ ଓ ଗ୍ରାସ କ୍ରାପ
ବନ୍ଧ ର ପାଣି କାଦୁଅ ଓ କମ ଗଭୀର ଥିବ- କମନ କ୍ରାପ



## ମାଛର ଖାଦ୍ୟ

| ମାସ | % ମାଛର ଓଜନ ଅନୁଯାଇ |
|---|---|
| ୧ ଓ ୨ ମାସ | ୩ % |
| ୩ ଓ ୪ ମାସ | ୨ % |
| ୫ ଓ ୬ ମାସ | ୧ % |
| ୬ ମାସ ପରେ | 0. ୫ % |

ସୋରିଷ / ଅଳସି ପିଡିଆ / କଦଳୀ/ ଶିମିଳି କନ୍ଦା ପତ୍ର / ଘାସ
ମକା ଗୁଣ୍ଡ / କୁଣ୍ଡା / ମାଛ ପୁଟା / ଉଇ / ପରିବା ଚୋପା

## ଜଳର ପି.ଏଚ୍. ପରୀକ୍ଷା


| ମୃତ୍ୟୁ | ମଧ୍ୟମ ବୃଦ୍ଧି | ଉତ୍ତମ ବୃଦ୍ଧି | ମଧ୍ୟମ ବୃଦ୍ଧି | ମୃତ୍ୟୁ |
|---|---|---|---|---|


4 5 6 7 8 9 10 11

## ମାଛର ବିବିଧତା


ଶିଙ୍ଘୀ


କେରାଣ୍ଡି


ବାମି


ମାଗୁର


ବାଲିଆ


# ଛେଳି ପାଳନ








ବର୍ତ୍ତମାନ ର ପଦ୍ଧତି
କମ ଦାମ
ଲାଭ

ଓଜନ କରି ବିକ୍ରି କରିବା (ଠିକ ପଦ୍ଧତି )
Rs. 3875/-

ଛେଳି ମାନଙ୍କର ସଂକ୍ରାମକ ରୋଗ
ପି .ପି .ଆର
ବସନ୍ତ ରୋଗ



# ଛେଳି ପାଳନ

- ଛେଳି ହେଉଛି  ଏପରି ଏକ ପ୍ରାଣୀ ଯାହା ଠାରୁ ଆମେ ମାଂସ ,କ୍ଷୀର ,ଚମଡା ,ଲୋମ ଓ ଜୈବିକ ଖତ ପାଇଥାଉ
- ଯଉ ପରିସ୍ଥିତି ରେ ଗାଈ ପାଳନ ସମ୍ଭବ ହୋଇ ନ ଥାଏ , ସେଠାରେ ଛେଳି ପାଳନ ସମ୍ଭବ ହୋଇପାରେ
- ଛେଳି ମାନେ ସହଜରେ ପରିବର୍ତିତ ଜଳବାୟୁ ଓ ପରିପାଳନ କୁ ଖାପ ଖୁଆଇ ଚଳି ପାରନ୍ତି
- ଏଥି ପାଇଁ ବହୁତ କମ ମୂଳ ଧନ ଲାଗି ଥାଏ
- ଛେଳି ଆକାର ରେ ଛୋଟ ଏବଂ ଶାନ୍ତ ଶିଷ୍ଟ ତେଣୁ ଏହାର ରକ୍ଷଣାବେକ୍ଷଣ  ସ୍ତ୍ରୀ ଲୋକ ଓ ପିଲା ମାନଙ୍କ ଦ୍ଵାରା ସମ୍ଭବ
- ଛେଳି ଗୁହାଳ ଖର୍ଚ ବହୁଳ ନୁହେଁ
- ଛେଳି ଦାନା ପାଇଁ ବିଶେଷ ଖର୍ଚ୍ଚ ଲାଗେ ନାହିଁ  ଏମାନେ ମୁଖ୍ୟତଃ ଘାସ ,ପତ୍ର ,ଲଟା ,ବୁଦା ଚରି ବୁଲି ଖାଆନ୍ତି
- ଗୁରୁତ୍ଵପୂର୍ଣ୍ଣ ଦିଗ ଯାହା ପ୍ରତି ଦୃଷ୍ଟି ଦେବା ଜରୁରୀ :

**୧. ରାତ୍ରିକାଳୀନ ବାସଗୃହ ବା ଛେଳି ଘର ନିର୍ମାଣ କରିବା**
**୨. ରକ୍ଷଣାବେକ୍ଷଣ ଓ ପରିଚାଳନା**
**୩. ନିୟମିତ ଟୀକାକରଣ**
**୪. ଆୟ ବ୍ୟୟ ହିସାବ ରଖିବା**

## ଛେଳି ମଡ଼କ (ପି.ପି.ଆର )

### ଲକ୍ଷଣ :

- ପ୍ରଥମେ ଜ୍ଵର ହୋଇଥାଏ
- ଦିନେ ଦୁଇ ଦିନ ପରେ ପାଟିରେ ଘା ସୃଷ୍ଟି ହୋଇଥାଏ
- ଆଖି ରୁ ନେଞ୍ଜରା,ନାକ ରୁ ସିଂଘାଣି ,ପାଟି ରୁ ଲାଳ ପ୍ରଚୁର ପରିମାଣ ରେ ନିର୍ଗତ ହୁଏ
- ନିଶ୍ଵାସ -ପ୍ରଶ୍ଵାସ କଷ୍ଟକର ହୋଇଥାଏ , ଛିଙ୍କ ହୁଏ
- ଆରମ୍ଭ ହେବାର ତିନ ଚାରି ଦିନ ପରେ ତରଳ କିମ୍ବା ନାଳ ରକ୍ତ ମିଶା ଝାଡା ହୁଏ

### ନିରାକରଣ :

- ଏହା ଏକ ଭୁତାଣୁ ଜନିତ ରୋଗ ହୋଇ ଥିବାରୁ  କେବଳ ଆନୁସଙ୍ଗିକ ଉପସର୍ଗ କରାଯାଇ ଥାଏ
- ରୋଗ କ୍ରାନ୍ତ ଛେଳି କୁ ଅନ୍ୟତ୍ର ସ୍ଥାନାନ୍ତର କରି ଚିକିତ୍ସା କରାଇବା ବିଧେୟ
- ରୋଗ ନିରାକରଣ ପାଇଁ ପ୍ରତିଷେଧକ ଟୀକା ଦେବାର ବ୍ୟବସ୍ଥା କରାଯାଇ ଥାଏ

## ଛେଳି ବସନ୍ତ

### ଲକ୍ଷଣ :

- ଛେଳିକୁ ଜ୍ଵର ହୋଇ ଥାଏ
- ଜ୍ଵରହେବାର 2 ରୁ 5 ଦିନ ମଧ୍ୟରେ ଶରୀରର ଲୋମ ନ ଥିବା ଜାଗା ରେ ଫୋଟକା ସୃଷ୍ଟି ହୋଇଥାଏ
- ମୁହଁ,ପନ୍ନା ଆଦି ରେ ଆରମ୍ଭ ହୋଇ ସମଗ୍ର ଶରୀର କୁ ବ୍ୟାପିଥାଏ
- ଆଖି ରୁ ନେଞ୍ଜରା,ନାକ ରୁ ସିଂଘାଣି ବାହାରେ

### ନିରାକରଣ :

- ରୋଗ କ୍ରାନ୍ତ ଛେଳି କୁ ଅନ୍ୟତ୍ର ସ୍ଥାନାନ୍ତର କରି ଚିକିତ୍ସା କରାଇବା ଆବଶ୍ୟକ
- ଆଣ୍ଟିସେପ୍ଟିକ  କିମ୍ବା ଆଣ୍ଟିବାଇଓଟିକ ମଲମ ଦିଆ ଯାଇଥାଏ
- ପାରିଷ୍କାର ପାରିଛନ୍ନତା ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ
- ରୋଗ ନିରାକରଣ ପାଇଁ ପ୍ରତିଷେଧକ ଟୀକା ଦେବାର ବ୍ୟବସ୍ଥା କରାଯାଇଥାଏ

## ସାହାଣା

**ଲକ୍ଷଣ :**

- ଅତ୍ୟଧିକ ଜ୍ୱର ହେବା  ସହିତ ଗଳା ଫୁଲି ଯାଇ,ପାଟି ରୁ ଲାଲବାହାରି, ନାକରୁ ସିଂଘାଣି , ଆଖି ରୁ ଲୁହ ବାହାରିଥାଏ
- ଛେଳି ଅତ୍ୟନ୍ତ ନିସ୍ତେଜ ଦିଶେ
- ରୋଗ ଆରମ୍ଭ ହେବାର 24 ଘଣ୍ଟା ମଧ୍ୟରେ ମୃତ୍ୟୁ ହୁଏ

**ନିରାକରଣ :**

- ବର୍ଷା ଋତୁ ପୂର୍ବ ରୁ ପ୍ରତିଷେଧକ ଟୀକା ଦିଆଗଲେ  ଏହି ରୋଗ ରୁ ଛେଳି ମାନଙ୍କୁ ରକ୍ଷା କରା ଯାଇ ପାରିବ
- ପ୍ରାଥମିକ ଅବସ୍ଥା ରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହିତ ଯୋଗାଯୋଗ କରିବା  ଆବଶ୍ୟକ
- ଦର୍ଶାଯାଇ ଥିବା ଉପରୋକ୍ତ କାରଣ ଗୁଡିକୁ ଏଡ଼ାଇବା ପାଇଁ ସଚେତନ ରହିବା ଆବଶ୍ୟକ

## ବଜବଜିଆ

**ଲକ୍ଷଣ :**

- ଭୀଷଣ ଜ୍ୱର ହୋଇଥାଏ
- ଭୋକ ହୁଏ ନାହିଁ
- ଅତ୍ୟନ୍ତ ବିଷର୍ଣ୍ଣ ଦିଶେ
- ଛୋଟାଏ ଏବଂ ଚଳ ପ୍ରଚଳ କରି ପାରେ ନାହିଁ
- ରୋଗ ଆରମ୍ଭ ହେବାର 24 ଘଣ୍ଟା ମଧ୍ୟରେ ମୃତ୍ୟୁ ହୁଏ

**ନିରାକରଣ :**

- ରୋଗ ଆରମ୍ଭ ହେବ ମାତ୍ରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହିତ ଯୋଗାଯୋଗ  କରିବା  ଆବଶ୍ୟକ
- ରୋଗ ରେ ପଡି ମରି ଯାଇଥିବା  ପ୍ରାଣୀ ଙ୍କୁ ପୋତି ଦିଆ ଯିବା ଆବଶ୍ୟକ
- ରୋଗ ପ୍ରତିଷେଧକ ଟୀକା ଦିଆଗଲେ  ଏହି ରୋଗ ରୁ ଛେଳି ମାନଙ୍କୁ ରକ୍ଷା କରା ଯାଇପାରିବ

ଛେଳି  ମାନେ ଚରି ବୁଲି ଯେତିକି ପରିମାଣ ର ଖାଦ୍ୟସାର ପାଉଛନ୍ତି, ତାହାର ସନ୍ତୁଳନ ପରୀକ୍ଷା କରାଯାଇ ପାରୁ ନାହିଁ । ତେଣୁ ପ୍ରଜନନକ୍ଷମ ବୋଦା, ଗର୍ଭବତୀ ଛେଳି ବଢିବା ଛେଳି ଛୁଆ କୁ ସ୍ୱତନ୍ତ୍ର ଭାବେ ମନୋନୀତ କରି ସୁଷମ ଦାନା ପ୍ରସ୍ତୁତ କରି ଖାଇବାକୁ ଦେବା ଉଚିତ ।  ତେଣୁ ଦୈନିକ ଚରାଣୀ ଓ ଡାଳ ପତ୍ର କୁ ଛାଡି କିଛି ଖାଦ୍ୟ ଦାନା ଦରକାର । ଏହି ଦାନା ପିଡିଆ, ଭୁଷି, ଚୋକଡ, ବିରି ଚୋପା, ମୁଗ ଚୋପା, କୋଳଥ ଚୋପା ଓ ଗୁଣ୍ଡ ଆଦି ରୁ ଯୋଗାଡ଼ କରାଯାଇ ପାରେ ।

ଏକ ମିଶ୍ରିତ ଦାନା ପ୍ରସ୍ତୁତି ପ୍ରଣାଳୀ ନିଂମନ ରେ ଦିଆ ଗଲା :-

| ମକା | କୋଳଥ | କୁଣ୍ଡା/ଚୋକଡ | ବାଦାମ ପିଡିଆ | ନାଇଜର ପିଡିଆ | ଧାତବ ଲବଣ | ଲୁଣ | ମୋଟ |
|---|---|---|---|---|---|---|---|
| 35 ଭାଗ | 10 ଭାଗ | 30 ଭାଗ | 11 ଭାଗ | 12 ଭାଗ | 1 ଭାଗ | 1 ଭାଗ | 100 ଭାଗ |

**ଉପୋରକ୍ତ ମିଶ୍ରିତ ଦାନା ତିଆରି କରାଯାଇ ସେଥି ମଧ୍ୟରୁ ପ୍ରତ୍ୟେକ ଦିନ 225 ଗ୍ରାମ, ଦାନାକୁ ସକାଳେ ସନ୍ଧ୍ୟା ରେ ଅଧା କରି ଦେଲେ ଭଲ**



## ଗାଈ ଗୋରୁଙ୍କ ଟୀକା

| କ୍ରମିକ ସଂଖ୍ୟା | ଟୀକା ର ନାମ | ଟୀକା ଦେବାର ସମୟ | ଟୀକା ପ୍ରଦାନ ର ବୟସ | ଟୀକାର ମାତ୍ରା ଓ ଦେବା ପ୍ରଣାଳୀ | ବୁଷ୍ଟର ଟୀକା ଦେବାର ବ୍ୟବଧାନ | ସୁରକ୍ଷା ସମୟ |
|---|---|---|---|---|---|---|
| 1 | **ସାହାଣ| ଟୀକା** | | | | | |
| | (କ) ଆଲମ ଯୁକ୍ତ | ପ୍ରାତଃ ସକାଳ ବା ବିଳମ୍ବ ଅପରାର୍ହ୍ନ | 6 ମାସରୁ ଉର୍ଦ୍ଧ | 5 ମି.ଲି. ଚମଡା ତଳେ 273 କି.ଗ୍ରା . ପର୍ଯ୍ୟନ୍ତ<br>10 ମି.ଲି. ଚମଡା ତଳେ 273 କି.ଗ୍ରା . ଓଜନରୁ ଉର୍ଦ୍ଧ | ଆବଶ୍ୟକ ନାହିଁ<br>ଆବଶ୍ୟକ ନାହିଁ | 6 ମାସ<br>6 ମାସ |
| | (ଖ) ତୈଳଯୁକ୍ତ | ପ୍ରାତଃ ସକାଳ ବା ବିଳମ୍ବ ଅପରାର୍ହ୍ନ | 6 ମାସରୁ ଉର୍ଦ୍ଧ | 2 ମି.ଲି. ମାଂସ ମଧ୍ୟରେ 273 କି.ଗ୍ରା . ପର୍ଯ୍ୟନ୍ତ<br>3 ମି.ଲି. ମାଂସ ମଧ୍ୟରେ 273 କି.ଗ୍ରା . ଓଜନରୁ ଉର୍ଦ୍ଧ | ଆବଶ୍ୟକ ନାହିଁ<br>ଆବଶ୍ୟକ ନାହିଁ | 1 ବର୍ଷ |
| 2 | ବଜବଜିଆ ଟୀକା | ପ୍ରାତଃ ସକାଳ ବା ବିଳମ୍ବ ଅପରାର୍ହ୍ନ | 6 ମାସ ରୁ ଉର୍ଦ୍ଧ ବା 2 ବର୍ଷ ରୁ କମ | 5 ମି.ଲି. ଚମଡା ତଳେ (ଓ .ବି .ପି ଆଇ) | 10ମ ଦିନ | 6 ମାସ |
| 3 | ଆନ୍ତଃରାକ୍ସ ସ୍ୱାର ଟୀକା | ପ୍ରାତଃ ସକାଳ ବା ବିଳମ୍ବ ଅପରାର୍ହ୍ନ | 6 ମାସରୁ ଉର୍ଦ୍ଧ | 1 ମି.ଲି. ଚମଡା ତଳେ (ଓ .ବି .ପି ଆଇ) | ଆବଶ୍ୟକ ନାହିଁ | 1 ବର୍ଷ |
| 4 | **ଫାଟୁଆ ଟୀକା** | | | | | |
| | (କ) ଆଲମ ଯୁକ୍ତ | ପ୍ରାତଃ ସକାଳ ବା ବିଳମ୍ବ ଅପରାର୍ହ୍ନ | 3 ମାସରୁ ଉର୍ଦ୍ଧ | ମାତ୍ରା ବିଭିନ୍ନ କମ୍ପାନୀ ଅନୁଯାୟୀ ଫରକ | ପ୍ରଥମ ଟୀକାର 1 ମାସ ପରେ ଓ 6 ମାସ | 6 ମାସ |
| | (ଖ) ତୈଳଯୁକ୍ତ | ପ୍ରାତଃ ସକାଳ ବା ବିଳମ୍ବ ଅପରାର୍ହ୍ନ | 3 ମାସରୁ ଉର୍ଦ୍ଧ | ମାତ୍ରା ବିଭିନ୍ନ କମ୍ପାନୀ ଅନୁଯାୟୀ ଫରକ | ପ୍ରଥମ ଟୀକାର 1 ମାସ ପରେ | 1 ମାସ |

## ଛେଳି ମେଣ୍ଢା ଙ୍କ ଟୀକା

| କ୍ରମିକ ସଂଖ୍ୟା | ଟୀକା ର ନାମ | ଟୀକା ଦେବାର ସମୟ | ଟୀକା ପ୍ରଦାନ ର ବୟସ | ଟୀକାର ମାତ୍ରା ଓ ଦେବା ପ୍ରଣାଳୀ | ବୁଷ୍ଟର ଟୀକା ଦେବାର ବ୍ୟବଧାନ | ସୁରକ୍ଷା ସମୟ |
|---|---|---|---|---|---|---|
| 1 | ଏଣ୍ଟେରଟାକ୍ସିମିଆ ଟୀକା | ପ୍ରାତଃ ସକାଳ ବା ବିଳମ୍ବ ଅପରାହ୍ନ | 3 ମାସରୁ ଉର୍ଦ୍ଧ | 2.5 ମି.ଲି. ଚମଡା ତଳେ (ଓ .ବି .ପି ଆଇ) | 14 ଦିନ | 1 ବର୍ଷ |
| 2 | ପି ପି ଆର ଟୀକା | ପ୍ରାତଃ ସକାଳ ବା ବିଳମ୍ବ ଅପରାହ୍ନ | 3 ମାସରୁ ଉର୍ଦ୍ଧ | 1 ମି.ଲି. ଚମଡା ତଳେ (ଓ .ବି .ପି ଆଇ) | ଆବଶ୍ୟକ ନାହିଁ | 1 ବର୍ଷ |
| 3 | ବସନ୍ତ ଟୀକା | ପ୍ରାତଃ ସକାଳ ବା ବିଳମ୍ବ ଅପରାହ୍ନ | 3 ମାସରୁ ଉର୍ଦ୍ଧ | 2 ମି.ଲି. ଚମଡା ତଳେ (ଓ .ବି .ପି ଆଇ) | ଆବଶ୍ୟକ ନାହିଁ | 1 ବର୍ଷ |
| 4 | ଫାଟୁଆ ଟୀକା | ପ୍ରାତଃ ସକାଳ ବା ବିଳମ୍ବ ଅପରାହ୍ନ | 3 ମାସରୁ ଉର୍ଦ୍ଧ | ମାତ୍ରା ବିଭିନ୍ନ କମ୍ପାନୀ ଅନୁଯାୟୀ ଫରକ | ଆବଶ୍ୟକ ନାହିଁ | 6 ମାସ |
| 5 | ସାହାଣ| ଟୀକା | ପ୍ରାତଃ ସକାଳ ବା ବିଳମ୍ବ ଅପରାହ୍ନ | 3 ମାସରୁ ଉର୍ଦ୍ଧ | 2 ମି.ଲି. ମାଂସ ମଧ୍ୟରେ (ଓ .ବି .ପି ଆଇ) | ଆବଶ୍ୟକ ନାହିଁ | 6 ମାସ |
| 6 | ବଜବଜିଆ ଟୀକା | ପ୍ରାତଃ ସକାଳ ବା ବିଳମ୍ବ ଅପରାହ୍ନ | 3 ମାସରୁ ଉର୍ଦ୍ଧ | 2ରୁ 3 ମି.ଲି. ଚମଡା ତଳେ (ଓ .ବି .ପି ଆଇ) | 10ମ ଦିନ | 6 ମାସ |
| 7 | ଆନ୍ତଃରାକ୍ସ ଟୀକା | ପ୍ରାତଃ ସକାଳ ବା ବିଳମ୍ବ ଅପରାହ୍ନ | 3 ମାସରୁ ଉର୍ଦ୍ଧ | 1 ମି.ଲି. ଚମଡା ତଳେ (ଓ .ବି .ପି ଆଇ) | ଆବଶ୍ୟକ ନାହିଁ | 1 ବର୍ଷ |

## ଆଦର୍ଶ ବଗିଚାର ଉଦ୍ଦେଶ୍ୟ

- ଚାଷିମାନଙ୍କୁ ଜମିର ସୁରକ୍ଷା ସମ୍ବନ୍ଧରେ ସଚେତନ କରିବା
- ବର୍ଷପାଣିକୁ କିପରି ସଂଚୟ ରକିବା ।
- ଜୈବିକ ପ୍ରଣାଳୀରେ ଚାଷ କରିବା ।
- ପ୍ରାକୃତିକ ପଦ୍ଧତିରେ ଜୈବିକ ଖତସାର ଉତ୍ପନ୍ନ କରିବା ।
- ଚାଷ ଦ୍ୱାରା ପରିବେଶକୁ ଯେପରି କ୍ଷତି ନ ଘଟାଇବା ।
- ଦୀର୍ଘକାଳୀନ ବା ସ୍ଥାୟୀ ଚାଷ କିପରି କରିବା ।
- ବର୍ତ୍ତମାନ କିମ୍ବା ଆଗାମି ଦିନମାନଙ୍କରେ ହେବାକୁ ଯାଉଥିବା ଜମିର ଅଭାବ ବୋଲି ସମସ୍ୟାକୁ କିପରି ସିମିତ କରିବା ।
- ଅଳ୍ପ ଜମିରେ ଅଧିକ ଅମଳ କିପରି କରାଯାଇ ପାରିବ ।
- ଚାଷି ତା'ର 70% ଆବଶ୍ୟକ ଯେପରି ନିଜ ଜମିରୁ ହିଁ ପାଇ ପାରିବ ଏ ସମ୍ବନ୍ଧରେ ସଚେତନ କରାଇବା ।
- ଚାଷି ତା'ର ଚାଷ ଦ୍ୱାରା ପରିବେଶକୁ (ଜଙ୍ଗଲ, ଜମି ଓ ଭୂଗର୍ଭସ୍ଥ ଜଳ)କୁ କିପରି ସୁରକ୍ଷା କରିପାରିବ ।
- ଚାଷି ଯେପରି ଉତ୍ତମ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ପାଇପାରିବ ।

## ଏହା କିପରି କରାଯାଏ

- ଜମିର ପରିମାଣ ଅନୁସାରେ ଜମିକୁ ସମାନ 3ଭାଗରେ ବିଭକ୍ତ କରାଯାଇଥାଏ ।
- ପ୍ରଥମ ଭାଗ :- ପ୍ରଥମ ଭାଗରେ ଗଲମରିଚ ପାଇଁ ବାହୁଗଛ ଏବଂ ବଡ଼ ଆକାଶିଆ ଲଗାଯାଇଥାଏ ।
- 3 ବର୍ଷ ପରେ ସେଠାରେ ଗଲମରିଚ /କଫିଗଛ ଲଗାଯାଇଥାଏ ।
- ଏହି ଗଛତଳେ ସପୁରୀ ଲଗାଯାଇଥାଏ ।
- ପୁଣି ସେହି 30 ସେଣ୍ଟ ଜମିରେ ହଳଦୀ ଓ ସାରୁ ଲଗାଯାଇ ପାରେ ।
- ଦ୍ୱିତିୟ ଭାଗ :- ଏହି ଭାଗକୁ ଫଳଗଛ ଭାଗ କୁହାଯାଇଥାଏ ।
- ଏଠାରେ ପ୍ରାୟ 10 ରୁ ଉର୍ଦ୍ଧ ପ୍ରକାରର ଗଛ (ଆମ୍ବ, ଲେମ୍ବୁ, ପିଜୁଳି, କଦଳୀ, ସାପଟା, ଅମୃତଭଣ୍ଡା, ମୁନିଙ୍ଗା, ଲିଚୁ, ସିତାଫଳ, ଡାଳିମ୍ବ ଏବଂ କମଳା) ଆଦି ଗଛ ଲଗାଇଥାଏ ।
- ଏହି ଫଳଗଛରୁ ଫଳ ଅମଳ ପରେ ବର୍ଷାଋତୁରେ ମିଶ୍ରିତ ଫସଲ ଭାବରେ ଯେକୌଣସି ପନିପରିବା ଚାଷ କରାଯାଇଥାଏ ।
- ତୃତୀୟ ଭାଗ :- ଏହି ଭାଗରେ ଛୋଟ ଫସଲ ଯଥା- ମାଣ୍ଡିଆ, କାଙ୍ଗୁ, ମକା, ବାଜରା କିମ୍ବା ଡାଲି ଜାତୀୟ ଫସଲ କିମ୍ବା ପିପ୍ପଳା ଆଦି ଫସଲ କରା ଯାଇଥାଏ ।
- ବାଉଣ୍ଡ୍ରି :- ବାଉଣ୍ଡ୍ରି ଭାଗରେ ଚାଷି ପ୍ରାୟ 3ଟି ଉଦେଶ୍ୟ ନେଇ ଚାଷ କରିଥାଏ । ପ୍ରଥମ- ଫସଲ ସୁରକ୍ଷା, ଦ୍ୱୀତୀୟ – ଅର୍ଥକାରୀ ଫସଲ ଏବଂ ତୃତୀୟ – ପବନ ଠାରୁ ସୁରକ୍ଷା ।



# ମୋ ଚାଷ ପୋଥି



## ରସୁଣ

କିସମ - ଦେଶୀ, ରାଜାଲେଗିଡ଼ି, ଯାମନଗର
ଲଗାଇବା ସମୟ - ଅକ୍ଟୋବର - ନଭେମ୍ବର
ବିହନ ପରିମାଣ - ଏକର ପ୍ରତି 150 କିଲୋଗ୍ରାମ ପାଖୁଡ଼ା ବା କୋଳା
ଲଗାଇବା ଦୂରତା - ଧାଡିକୁ ଧାଡି 15 ସେ.ମି., ଗଛକୁ ଗଛ 8 ସେ.ମି.
ଅମଳ - ଏକର ପ୍ରତି 20 କୁଇଣ୍ଟାଲ

ଖତ ସାର ପ୍ରୟୋଗ -

ଲଗାଇବା ସମୟରେ ଏକର ପ୍ରତି 50-60 କୁଇଣ୍ଟାଲ କମ୍ପୋଷ୍ଟ ଖତ, 24 କି.ଗ୍ରା. ଯବକ୍ଷାର, 24 କି.ଗ୍ରା. ଫସଫରସ ଓ 24 କି.ଗ୍ରା. ପଟାସ ସାର ଦରକାର I ଲଗାଇବାର ତିନି ସପ୍ତାହ ପରେ 10 କି.ଗ୍ରା. ଯବକ୍ଷାର ଓ 24 କି.ଗ୍ରା. ପଟାସ ସାର ଦରକାର I

ରୋଗ/ପୋକ -

ପତ୍ର ଉକୁଣୀ ପୋକ - ଅଠାଳିଆ ଓ ଗନ୍ଧଯକ୍ତ ପତ୍ରର ଦ୍ରବଣ
ପତ୍ର ପୋଡ଼ା ରୋଗ -(ଜିବାମୃତ ,ଚୂନ ତୁତିଆର ଦ୍ରବଣ )



## ହଳଦୀ

କିସମ - ଦେଶୀ, ରଶ୍ମି, ରୋମ,ସୁରମା
ବୁଣିବା ସମୟ - ମେ - ଜୁନ
ବିହନ ପରିମାଣ - ଏକର ପ୍ରତି 8-10 କ୍ବିଣ୍ଟାଲ
ଲଗାଇବା ଦୂରତା - ଧାଡି କୁ ଧାଡି 30 ସେ. ମି.,ଗଛ କୁ ଗଛ 20 ସେ.ମି .
ଅମଳ - ଏକର ପ୍ରତି - 80-100 କ୍ବିଣ୍ଟାଲ (କଞ୍ଚା) 30 କ୍ବିଣ୍ଟାଲ (ଶୁଖିଲା)

ଖତ /ସାର ର ପ୍ରୟୋଗ ଏକ ଏକର ପ୍ରତି –

| | | |
|---|---|---|
| ଲଗାଇଲାବେଳେ ଏକର ପ୍ରତି 50-60 କୁଇଣ୍ଟାଲ କମ୍ପୋଷ୍ଟ ଖତ I<br>ପଟାସ - 24 କି.ଗ୍ରା.<br>ଫସଫରସ -12 କି.ଗ୍ରା. | ଏହାର ଦେଢ଼ ମାସ ପରେ<br>ଯବକ୍ଷାରଜାନ - 12 କି.ଗ୍ରା. | ଲଗାଇବାର ତିନି ମାସ ପରେ<br>ଯବକ୍ଷାରଜାନ - 12 କି.ଗ୍ରା.<br>ଫସଫରସ -12 କି.ଗ୍ରା. |

ରୋଗ /ପୋକ

ମୂଳ ସଢ଼ା ରୋଗ -(ଟ୍ରାଇକୋଡର୍ମା ଭିରଡି ଦେଇ କରିବା ମାଟି ଶୋଧନ )



## ପିଆଜ

କିସମ - ନାସିକ ରେଡ, ଏନ -53, ପୁଷା ରେଡ, ପାଟଣା ହ୍ୱାଇଟି ,ଏନ -57-1, ସବୁ ଛୋଟ ପିଆଜ- ଅର୍କ ବିନ୍ଦୁ, ରମ୍ଭା, ଦେଶୀ
ଲଗାଇବା ସମୟ - ନଭେମ୍ବର , ଡିସେମ୍ବର
ବିହନ ପରିମାଣ - ଏକର ପ୍ରତି 4 କିଲୋଗ୍ରାମ ମଞ୍ଜି
ଛୋଟ ପିଆଜ - 3-4 କୁଇଣ୍ଟାଲ କୋଳା ଲଗାଇବା ଦୂରତା - ଧାଡିକୁ ଧାଡି 15 ସେ.ମି., ଗଛକୁ ଗଛ 10 ସେ.ମି.
ଅମଳ - ଏକର ପ୍ରତି 70-80 କୁଇଣ୍ଟାଲ ଫଳ

ଖତ ସାର ପ୍ରୟୋଗ -

ଗଛ ଲଗାଇବା ସମୟରେ ଏକର ପ୍ରତି 60-70 କୁଇଣ୍ଟାଲ କମ୍ପୋଷ୍ଟ ଖତ, 24 କି.ଗ୍ରା. ଯବକ୍ଷାର ,24 କି.ଗ୍ରା. ଫସଫରସ ଓ 20 କି.ଗ୍ରା. ପଟାସ ସାର ଦରକାର I ଲଗାଇବାର ତିନି - ଚାରି ସପ୍ତାହ ପରେ ଏକର ପ୍ରତି 24.କି.ଗ୍ରା. ଯବକ୍ଷାର ଓ 20 କିଲୋଗ୍ରାମ ପଟାସ ସାର ଦରକାର I

ରୋଗ/ପୋକ- ଉକୁଣିଆ ପୋକ -( ନିମ ତେଲ ପ୍ରୋୟାଗ, ନିମାସ୍ତ୍ର)ପତ୍ର ପୋଡା ବା ପତ୍ର ଦାଗ ରୋଗ I (ଜିବାମୃତ, ଅମୃତଭଣ୍ଡା ପତ୍ରର ଦ୍ରବଣ ଚୂନ ତୁତିଆର ଦ୍ରବଣ )(ଟ୍ରାଇକୋଡର୍ମା ଭିରଡି ଦେଇ କରିବା ମାଟି ଶୋଧନ )ଅମଳ -ଏକର ପ୍ରତି 100 କୁଇଣ୍ଟାଲ ଓଲିପିଆଜ ଓ 40-50 କୁଇଣ୍ଟାଲ ଦେଶୀ ପିଆଜ I

ରୋଗ/ପୋକ - ଝାଉଁଳା ରୋଗ I - (ଟ୍ରାଇକୋଡର୍ମା ଭିରଡି ଦେଇ କରିବା ମାଟି ଶୋଧନ )
(ଜିବାମୃତ , ଅମୃତଭଣ୍ଡା ପତ୍ରର ଦ୍ରବଣ ଚୂନ ତୁତିଆର ଦ୍ରବଣ )
ଫଳ ମାଛି ପୋକ I -( ନିମ ତେଲ ପ୍ରୋୟାଗ , ନିମାସ୍ତ୍ର)



## ଆଳୁ

କିସମ : କୂଫ୍ରି ଚନ୍ଦ୍ରମୁଖୀ . କୂଫ୍ରି ଜ୍ୟୋତି ,କୂଫ୍ରି ଚମତ୍କାର , କେ -22, କୂଫ୍ରି ସିନ୍ଦୁରି , କୂଫ୍ରି ଅଳଙ୍କାର , କୂଫ୍ରି ଅଶୋକ
ଲଗାଇବା ସମୟ - ଅକ୍ଟୋବର - ନଭେମ୍ବର
ବିହନ ପରିମାଣ - ଏକର ପ୍ରତି - 6 କୁଇଣ୍ଟାଲ
ଲଗାଇବା ବ୍ୟବଧାନ - ଧାଡିକୁ ଧାଡ଼ି 45 ସେ.ମି., ଗଛ କୁ ଗଛ 15-20 ସେ.ମି.
ଅମଳ - ଏକର ପ୍ରତି 100 କୁଇଣ୍ଟାଲ |

ଖତ ସାର ପ୍ରୟୋଗ -

ଲଗେଇବା ସମୟରେ ଏକର ପ୍ରତି 60 କୁଇଣ୍ଟାଲ କମ୍ପୋଷ୍ଟ ଖତ , 16 କ.ଗ୍ରା. ଯବକ୍ଷାରଜାନ , 24 କି.ଗ୍ରା. ଫସଫରସ ଓ 24 କି.ଗ୍ରା. ପଟାସ ସାର ଆବଶ୍ୟକ | ଲଗାଇବାର 3-4 ସପ୍ତାହ ପରେ 16 କି.ଗ୍ରା. ଯବକ୍ଷାରଜାନ ଆବଶ୍ୟକ , ଏହାର 15 ଦିନ ପରେ 16 କି.ଗ୍ରା. ଯବକ୍ଷାରଜାନ ଓ 24 କି.ଗ୍ରା.ପଟାସ ସାର ଆବଶ୍ୟକ I

ରୋଗ /ପୋକ-

ସଅଳ ପତ୍ର ପୋଡା ଓ ଉଚ୍ଛୁର ପତ୍ର ପୋଡା | - (ଟ୍ରାଇକୋଡର୍ମା ଭିରଡି ଦେଇ କରିବା ମାଟି ଶୋଧନ )
କର୍ତ୍ତକ କୀଟ - (ନିମାସ୍ତ୍ର ବ୍ରହ୍ମାସ୍ତ୍ର, ନିମ ତେଲ ପ୍ରୋୟାଗ )



## ଟମାଟୋ

କିସମ- ଦେଶୀ, ପୁଷା ରୁବି, କେଶରୀ, ପଞ୍ଜାବ ଛୁଆର, ଉତ୍କଳ କୁମାରୀ
ଲଗାଇବା ସମୟ- ସେପ୍ଟେମ୍ବର ଅକ୍ଟୋବର, ନଭେମ୍ବର- ଡ଼ିସେମ୍ବର
ବିହନ ପରିମାଣ- ଏକର ପ୍ରତି 200 ଗ୍ରାମ
ଲଗାଇବା ଦୂରତା- ଧାଡିକୁ ଧାଡି 45-60 ସେ.ମି., ଗଛକୁ ଗଛ 30-45 ସେ.ମି.
ଅମଳ- ଏକର ପ୍ରତି 80-100 କୁଇଣ୍ଟାଲ

ଖତ ସାର ପ୍ରୟୋଗ -
ଚାରା ଲଗାଇବା ସମୟରେ ଏକର ପ୍ରତି 60-70 କୁଇଣ୍ଟାଲ କମ୍ପୋଷ୍ଟ ଖତ, 25 କି.ଗ୍ରା. ଯବକ୍ଷାର, 30 କି.ଗ୍ରା. ଫସଫରସ ଓ 25 କି.ଗ୍ରା. ପଟାସ ସାର ଦରକାର I ଲଗାଇବାର ଚାରି ସପ୍ତାହ ପରେ ଏକର ପ୍ରତି 25.କି.ଗ୍ରା. ଯବକ୍ଷାର ସାର 16 କି.ଗ୍ରା. ପଟାସ ଦରକାର I
ରୋଗ/ପୋକ -
ପତ୍ର ପୋଡା ରୋଗ I ଝାଉଁଳା ରୋଗ I (ଜିବାମୃତ, ଅମୃତଭଣ୍ଡା ପତ୍ରର ଦ୍ରବଣ ଚୂନ ତୁତିଆର ଦ୍ରବଣ)
ଫଳ ବିନ୍ଧା ପୋକ I (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର, ପିତା, ଅଠାଳିଆ ଓ ଗନ୍ଧଯୁକ୍ତ ପତ୍ରର ଦ୍ରବଣ)



## ବିଟ୍

କିସମ - କ୍ରିମସନ ଗ୍ଲୋବ, ଡ଼ାର୍କ ରେଡ଼, ଡାଏନା I
ବୁଣିବା ସମୟ - ଅକ୍ଟୋବର - ନଭେମ୍ବର
ବିହନ ପରିମାଣ - ଏକର ପ୍ରତି 2 କିଲୋଗ୍ରାମ
ମଞ୍ଜି ବୁଣିବା ଦୂରତା - ଧାଡିକୁ ଧାଡି 30 ସେ.ମି., ଗଛକୁ ଗଛ 10 ସେ.ମି
ଅମଳ - ଏକର ପ୍ରତି 40-50 କୁଇଣ୍ଟାଲ

ଖତ ସାର ପ୍ରୟୋଗ -
ବିହନ ବୁଣିବା ସମୟରେ ଏକର ପ୍ରତି 30-40 କୁଇଣ୍ଟାଲ କମ୍ପୋଷ୍ଟ ଖତ , 10 କି.ଗ୍ରା. ଯବକ୍ଷାର, 20 କି.ଗ୍ରା. ଫସଫରସ ଓ 40 କି.ଗ୍ରା. ପଟାସ ସାର ଦରକାର I ଲଗାଇବାର ତିନି ସପ୍ତାହ ପରେ ଏକର ପ୍ରତି 10.କି.ଗ୍ରା. ଯବକ୍ଷାର ସାର ଦରକାର I
ରୋଗ/ପୋକ -
ପତ୍ର ପୋଡା ରୋଗ - (ଜିବାମୃତ, ଅମୃତଭଣ୍ଡା ପତ୍ରର ଦ୍ରବଣ ଚୂନ ତୁତିଆର ଦ୍ରବଣ )
(ଟ୍ରାଇକୋଡର୍ମା ଭିରଡି ଦେଇ କରିବା ମାଟି ଶୋଧନ )
ପତ୍ର ଉକୁଣୀ ପୋକ, ଜଉ ପୋକ - (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର)



## ଗାଜର

କିସମ - ଇଣ୍ଡାମ ଆର- 13, ପୁଷାକେଶର, ଅର୍ଲିନେଣ୍ଟସ, କୋରଲେସ, ଚାଁଟାଣି
ବୁଣିବା ସମୟ - ସେପ୍ଟେମ୍ବର - ଡ଼ିସେମ୍ବର
ବିହନ ପରିମାଣ - ଏକର ପିଛା 2 କିଗ୍ରା.
ବୁଣିବା ବ୍ୟବଧାନ - ଗଛକୁ ଗଛ- 10 ସେ.ମି., ଧାଡିକୁ ଧାଡି- 30 ସେ.ମି.
ଅମଳ - ଏକର ପ୍ରତି 40-50 କୁଇଣ୍ଟାଲ

ଖତ ସାର ପ୍ରୟୋଗ -
ଲଗେଇବା ସମୟରେ ଏକର ପ୍ରତି 50 କୁଇଣ୍ଟାଲ କମ୍ପୋଷ୍ଟ ଖତ , 10 କିଗ୍ରା. ଯବକ୍ଷାରଜାନ, 20 କିଗ୍ରା ଫସଫରସ ଓ 30 କିଗ୍ରା: ପଟାସ ସାର ଆବଶ୍ୟକ |ଏହାର 4 ସପ୍ତାହ ପରେ 10 କିଗ୍ରା. ଯବକ୍ଷାରଜାନ ଦରକାର |
ରୋଗ /ପୋକ
(ଟ୍ରାଇକୋଡର୍ମା ଭିରଡି ଦେଇ କରିବା ମାଟି ଶୋଧନ )ପତ୍ରଖିଆ ପୋକ, ଘୁଣି ପୋକ- (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର



## ମୂଳା

କିସମ - କୋଏମ୍ବାଟୁର ଲଙ୍ଗ, ପୁଷା, ଦୋମୌସୁମୀ, ଲଙ୍ଗ ଗ୍ରୀନ, ଦେଶୀ |
ଲଗାଇବା ସମୟ - ଜୁନ, ଜୁଲାଇ, ଫେବୃଆରୀ ,ମାର୍ଚ୍ଚ |
ବିହନ ପରିମାଣ - ଏକର ପ୍ରତି 2 କିଗ୍ରା |
ଲଗାଇବା ଦୂରତା - ଧାଡି କୁ ଧାଡି 120 ସେ.ମି., ଗଛ କୁ ଗଛ 120 ସେ.ମି.
ଅମଳ - ଏକର ପ୍ରତି 25-30 କୁଇଣ୍ଟାଲ |

ଖତ ସାର ପ୍ରୟୋଗ -
ବିହନ ଲଗାଇବା ସମୟରେ ମନ୍ଦା ପ୍ରତି 1 ଝୁଡି କମ୍ପୋଷ୍ଟ ଖତ,ଏକର ପ୍ରତି 10 କିଗ୍ରା. ଯବକ୍ଷାରଜାନ, 12 କିଗ୍ରା ଫସଫରସ ଓ 20 କିଗ୍ରା: ପଟାସ ସାର ଆବଶ୍ୟକ |ଏହାର 3 ସପ୍ତାହ ପରେ 10 କିଗ୍ରା. ଯବକ୍ଷାରଜାନ ଦରକାର |
ରୋଗ /ପୋକ -
ଫଳ ମାଛି |
ପତ୍ର ଦାଗ ରୋଗ |



## ରାଶି (ଖସା)

କିସମ- ଦେଶୀ, ବିନାୟକ, କନକ, କାଳିକା, କ୍ରିଷ୍ଣା
ବୁଣିବା ସମୟ- ଜୁନ, ସେପ୍ଟେମ୍ବର- ଅକ୍ଟୋବର, ଜାନୁୟାରୀ- ଫେବୃୟାରୀ
ବିହନ ପରିମାଣ- ଏକର ପ୍ରତି 4 କିଲୋଗ୍ରାମ
ବୁଣିବା ଦୂରତା- ଧାଡିକୁ ଧାଡି 30 ସେ.ମି., ଗଛକୁ ଗଛ 10 ସେ.ମି.
ଅମଳ- ଏକର ପ୍ରତି 4 କୁଇଣ୍ଟାଲ

**ଖତ ସାର ପ୍ରୟୋଗ -**

ବୁଣିବା ସମୟରେ ଏକର ପ୍ରତି 30-40 କୁଇଣ୍ଟାଲ କମ୍ପୋଷ୍ଟ ଖତ, 6 କି.ଗ୍ରା. ଯବକ୍ଷାର, 6 କି.ଗ୍ରା.ଫସଫରସ ଓ 6 କି.ଗ୍ରା. ପଟାସ ସାର ଦରକାର I ଲଗାଇବାର ତିନି ସପ୍ତାହ ପରେ 6 କି.ଗ୍ରା. ଯବକ୍ଷାର ଦରକାର I

**ରୋଗ/ପୋକ -**

ପତ୍ର ଓ ଫଳ ବିନ୍ଧା ପୋକ- (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର, ପିତା, ଅଠାଳିଆ ଓ ଗନ୍ଧଯୁକ୍ତ ପତ୍ରର ଦ୍ରବଣ)ବନ୍ଧ୍ୟା ରୋଗ I- (ଜିବାମୃତ, ଚୂନ ତୁତିଆର ଦ୍ରବଣ)



## ବୁଟ

କିସମ- ଦେଶୀ, ରାଧେ, ଆନେଗିରି
ବୁଣିବା ସମୟ- ଅକ୍ଟୋବର- ନଭେମ୍ବର
ବିହନ ପରିମାଣ- ଏକର ପ୍ରତି 25 କିଲୋଗ୍ରାମ
ଲଗାଇବା ଦୁରତା- ଧାଡିକୁ ଧାଡି 30 ସେ.ମି., ଗଛକୁ ଗଛ 10 ସେ.ମି.
ଅମଳ- ଏକର ପ୍ରତି 6 କୁଇଣ୍ଟାଲ

**ଖତ ସାର ପ୍ରୟୋଗ -**

ବିହନ ବୁଣିବା ସମୟରେ ଏକର ପ୍ରତି 40-50 କୁଇଣ୍ଟାଲ କମ୍ପୋଷ୍ଟ ଖତ, 10 କି.ଗ୍ରା. ଯବକ୍ଷାର, 16 କି.ଗ୍ରା. ଫସଫରସ ସାର ଦରକାର I

**ରୋଗ/ପୋକ -**

ଛୁଇଁ ବିନ୍ଧା ପୋକ (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର)କର୍ତ୍ତକ କୀଟ



## ମୁଗ

କିସମ- ଦେଶୀ, ପୂଷା, ବୈଶାଖୀ, ଜ୍ୟୋତି, ସୁଜାତା, ଟି- 44, ଧଉଳି
ବୁଣିବା ସମୟ- ଜୁନ, ସେପ୍ଟେମ୍ବର, ଜାନୁୟାରୀ- ଫେବୃୟାରୀ
ବିହନ ପରିମାଣ- ଏକର ପ୍ରତି 10 କିଲୋଗ୍ରାମ
ବୁଣିବା ଦୁରତା- ଧାଡିକୁ ଧାଡି 20 ସେ.ମି., ଗଛକୁ ଗଛ 10 ସେ.ମି
ଅମଳ- ଏକର ପ୍ରତି 5 କୁଇଣ୍ଟାଲ

**ଖତ ସାର ପ୍ରୟୋଗ -**

ବୁଣିବା ସମୟରେ ଏକର ପ୍ରତି 30-40 କୁଇଣ୍ଟାଲ କମ୍ପୋଷ୍ଟ ଖତ, 8 କି.ଗ୍ରା. ଯବକ୍ଷାର, 16 କି.ଗ୍ରା. ଫସଫରସ ସାର ଦରକାର I ବୁଣିବା ସମୟରେ ଜୀବାଣୁ କଲଚର ଗୋଳାଇ ବୁଣିବା ଦରକାର I

**ରୋଗ/ପୋକ -**

ଜଉ ପୋକ- (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର) ପାଉଁଶିଆ ରୋଗ- (ଜିବାମୃତ, ଚୂନ ତୁତିଆର ଦ୍ରବଣ)



## ହରଡ଼

କିସମ- ଦେଶୀ, ଏସ- 5, ମୁକ୍ତା, ଉପାସ-120, ପ୍ରଗତି, ଜାଗୃତି
ବୁଣିବା ସମୟ- ଜୁନ- ଜୁଲାଇ, ସେପ୍ଟେମ୍ବର-ଅକ୍ଟୋବର
ବିହନ ପରିମାଣ- ଏକର ପ୍ରତି 6-8 କିଲୋଗ୍ରାମ I
ବୁଣିବା ଦୂରତା- ସଅଳ କିସମ- 45 ସେ.ମି., 20 ସେ.ମି.
ବିଳମ୍ବ କିସମ- 60 ସେ . ମି X 20 ସେ.ମି.
ଅମଳ- ଏକର ପ୍ରତି- 7-8- କ୍ୱିଣ୍ଟାଲ

**ଖତ ସାର ପ୍ରୟୋଗ -**

ଲଗାଇବା ସମୟରେ ଏକର ପ୍ରତି 30-40 କୁଇଣ୍ଟାଲ କମ୍ପୋଷ୍ଟ ଖତ I
ଯବକ୍ଷାରଜାନ- 8 କି.ଗ୍ରା. I
ଫଂସଫରସ- 16 କି.ଗ୍ରା. I

**ରୋଗ/ପୋକ -**

ବାଘୁଆ ପୋକ- (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର, ପିତା, ଅଠାଳିଆ ଓ ଗନ୍ଧଯୁକ୍ତ ପତ୍ରର ଦ୍ରବଣ)ଛୁଇଁ ବିନ୍ଧା ପୋକ, ଜଉ ପୋକ- (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର, ପିତା, ଅଠାଳିଆ ଓ ଗନ୍ଧଯୁକ୍ତ ପତ୍ରର ଦ୍ରବଣ)



## କୋଳଥ

କିସମ- ଡିଏସ 1-2, ଡିଏସ- 2,ଉର୍ମି, ଦେଶୀ- ଧଳା, ଦେଶୀ-କଳା
ବୁଣିବା ସମୟ- ସେପ୍ଟେମ୍ବର- ଅକ୍ଟୋବର
ବିହନ ପରିମାଣ- ଏକର ପ୍ରତି 20 କି.ଗ୍ରା.
ବୁଣିବା ଦୂରତା- ହାତ ବୁଣା ଏବଂ ଧାଡିକୁ ଧାଡି 30 ସେ.ମି.
ଅମଳ- ଏକର ପ୍ରତି 6 କୁଇଣ୍ଟାଲ |

ଖତ ସାର ପ୍ରୟୋଗ -
ବୁଣିବା ସମୟରେ ଏକର ପ୍ରତି 15-20 କୁଇଣ୍ଟାଲ କମ୍ପୋଷ୍ଟ ଖତ, ଓ 5 କିଗ୍ରା., ଯବକ୍ଷାରଜାନ 10 କିଗ୍ରା ଫସଫରସ ସାର ଆବଶ୍ୟକ |
ରୋଗ/ପୋକ -
ପାଉଁଶିଆ ରୋଗ, ସାହେବୀ ରୋଗ (ଜିବାମୃତ, ଅମୃତଭଣ୍ଡା ପତ୍ରର ଦ୍ରବଣ ଚୂନ ତୁତିଆର ଦ୍ରବଣ )
ଜଉ ପୋକ  (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର)



## ବିରି

କିସମ- ଦେଶୀ, ଟି- 9, ଡ଼ି ପି ୟୁ- 1, କେ ୟୁ- 1,ଶାରଳା, କେ-10 I
ବୁଣିବା ସମୟ- ଜୁନ, ସେପ୍ଟେମ୍ବର- ଅକ୍ଟୋବର I
ବିହନ ପରିମାଣ- ଏକର ପ୍ରତି 10 କିଲୋଗ୍ରାମ I
ମଞ୍ଜି ବୁଣିବା ଦୁରତା- ଧାଡିକୁ ଧାଡି 30 ସେ.ମି., ଗଛକୁ ଗଛ 15 ସେ.ମି.
ଅମଳ- ଏକର ପ୍ରତି 4 କୁଇଣ୍ଟାଲ I

ଖତ ସାର ପ୍ରୟୋଗ -
ବିହନ ବୁଣିବା ସମୟରେ ଏକର ପ୍ରତି 30-40 କୁଇଣ୍ଟାଲ କମ୍ପୋଷ୍ଟ ଖତ, 8 କି.ଗ୍ରା. ଯବକ୍ଷାର, 16 କି.ଗ୍ରା. ଫସଫରସ ସାର ଦରକାର I ମଞ୍ଜିକୁ ଜୀବାଣୁ କଲଚର ସହିତ ଗୋଳାଇ ବୁଣିବା ଉଚିତ I
ରୋଗ/ପୋକ -
ଜଉ ପୋକ- (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର)
ପାଉଁଶିଆ ରୋଗ- (ଜିବାମୃତ, ଅମୃତଭଣ୍ଡା ପତ୍ରର ଦ୍ରବଣ ଚୂନ ତୁତିଆର ଦ୍ରବଣ )



## ମସୁର

କିସମ- ବି- 77, ପୁଷା- 8, ଟି- 36, ପନ୍ତ 206, ପନ୍ତ 209
ବୁଣିବା ସମୟ- ଅକ୍ଟୋବର- ନଭେମ୍ବର
ବିହନ ପରିମାଣ- ଏକର ପ୍ରତି 16 କିଲୋଗ୍ରାମ
ବୁଣିବା ଦୁରତା- ଧାଡିକୁ ଧାଡି 30 ସେ.ମି.,ଗଛକୁ ଗଛ 10 ସେ.ମି.
ଅମଳ- ଏକର ପ୍ରତି 6 କୁଇଣ୍ଟାଲ

ଖତ ସାର ପ୍ରୟୋଗ -
ବିହନ ବୁଣିବା ସମୟରେ ଏକର ପ୍ରତି 30-40 କୁଇଣ୍ଟାଲ କମ୍ପୋଷ୍ଟ ଖତ, 8 କି.ଗ୍ରା. ଯବକ୍ଷାର, 16 କି.ଗ୍ରା. ଫସଫରସ ସାର ଦରକାର I ମଞ୍ଜିକୁ ଜୀବାଣୁ କଲଚର ସହିତ ଗୋଳାଇ ବୁଣିବା ଉଚିତ I
ରୋଗ/ପୋକ -
ଝାଉଁଳା ରୋଗ- (ଅମୃତଭଣ୍ଡା ପତ୍ରର ଦ୍ରବଣ, ଚୂନ ତୁତିଆର ଦ୍ରବଣ)
ଜଉ ପୋକ, ଛୁଇଁ ବିନ୍ଧା ପୋକ- (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର)



## ସୋରିଷ

କିସମ- ଏ ମ- 27, ପିଟି- 303, ଟି- 9, ବିନୟ ପୁଷ୍ପା ବୋଲଡ,
ଅନୁରାଧା ପାର୍ବତୀ
ବୁଣିବା ସମୟ- ଅକ୍ଟୋବର
ବିହନ ପରିମାଣ- ଏକର ପ୍ରତି 3 କିଲୋଗ୍ରାମ
ଲଗାଇବା ଦୂରତା- ଧାଡି କୁ ଧାଡି 20-30 ସେ.ମି., ଗଛ କୁ ଗଛ 10 ସେ.ମି.
ଅମଳ- ଏକର ପ୍ରତି- 4-5 କ୍ବିଣ୍ଟାଲ

ଖତ ସାର ପ୍ରୟୋଗ -
ଅଣ-ଜଳସେଚିତ ଜମିରେ ବୁଣିବାବେଳେ
ଏକର ପ୍ରତି 50-60 କୁଇଣ୍ଟାଲ କମ୍ପୋଷ୍ଟ ଖତ I
ଯବକ୍ଷାରଜାନ- 12 କି.ଗ୍ରା
ପଟାସ- 06 କି.ଗ୍ରା.
ଫସଫରସ- 06 କି.ଗ୍ରା.

ଜଳସେଚିତ ଜମିରେ ବୁଣିବାବେଳେ
ଯବକ୍ଷାରଜାନ- 12 କି.ଗ୍ରା
ପଟାସ- 12 କି.ଗ୍ରା.
ଫସଫରସ- 12 କି.ଗ୍ରା.

ରୋଗ/ପୋକ -
ଜଉ ପୋକ- (ନିମ ତେଲ ପ୍ରୋୟାଗ, ନିମାସ୍ତ୍ର, ପିତା, ଅଠାଳିଆ ଓ ଗନ୍ଧଯୁକ୍ତ ପତ୍ରର ଦ୍ରବଣ)
କଳଙ୍କି ରୋଗ- - (ଜିବାମୃତ, ଅମୃତଭଣ୍ଡା ପତ୍ରର ଦ୍ରବଣ, ଚୂନ ତୁତିଆର ଦ୍ରବଣ )



# କୋଳଥ

କିସମ - କୋଏମ୍ବାଟୁର ଲଙ୍ଗ, ପୁଷା, ଦୋମୌସୁମୀ, ଲଙ୍ଗ ଗ୍ରୀନ, ଦେଶୀ |
ଲଗାଇବା ସମୟ - ଜୁନ, ଜୁଲାୟ, ଫେବୃଆରୀ, ମାର୍ଚ୍ଚ |
ବିହନ ପରିମାଣ - ଏକର ପ୍ରତି 2 କିଗ୍ରା |
ଲଗାଇବା ଦୂରତା - ଧାଡି କୁ ଧାଡି 120 ସେମି., ଗଛ କୁ ଗଛ 120 ସେମି.
ଅମଳ - ଏକର ପ୍ରତି 25-30 କୁଇଣ୍ଟାଲ |

ଖତ ସାର ପ୍ରୋୟାଗ –
ବିହନ ଲଗାଇବା ସମୟରେ ମନ୍ଦା ପ୍ରତି 1 ଝୁଡି କମ୍ପୋଷ୍ଟ ଖତ,ଏକର ପ୍ରତି 10 କିଗ୍ରା. ଯବକ୍ଷାରଜାନ, 12 କିଗ୍ରା ଫସଫରସ ଓ 20 କିଗ୍ରା: ପଟାସ ସାର ଆବଶ୍ୟକ | ଏହାର 3 ସପ୍ତାହ ପରେ 10 କିଗ୍ରା. ଯବକ୍ଷାରଜାନ ଦରକାର |

ରୋଗ /ପୋକ -
ଫଳ ମାଛି |
ପତ୍ର ଦାଗ ରୋଗ |



# ଝିଙ୍ଗି

କିସମ - ଦେଶୀ
ବିହନ ପରିମାଣ - ଏକର ପ୍ରତି 4000 ବୁଦା,
ଶତକଡା 10 ଭାଗ ଅଣ୍ଡିରା ଗଛ ରହିବା ଦରକାର |
ଲଗାଇବା ଦୂରତା - ଧାଡିକୁ ଧାଡି 1 ମି., ଗଛକୁ ଗଛ 1ମି.
ଅମଳ - ଏକର ପିଛା 50-60 କୁଇଣ୍ଟାଲ |

ଖତ, ସାର ପ୍ରୟୋଗ -
ଲଗେଇବା ସମୟରେ ଏକର ପ୍ରତି 50 କୁଇଣ୍ଟାଲ କମ୍ପୋଷ୍ଟ ଖତ, 12 କିଗ୍ରା. ଯବକ୍ଷାରଜାନ, 16 କିଗ୍ରା ଫସଫରସ ଓ 16 କିଗ୍ରା: ପଟାସ ସାର ଦରକାର | ଏହାର 4 ସପ୍ତାହ ପରେ 12 କିଗ୍ରା. ଯବକ୍ଷାରଜାନ ଦରକାର |

ରୋଗ /ପୋକ -
କାଙ୍କଡ଼ିଆ ପୋକ
ପତ୍ର ଦାଗ ଓ ପାଉଁଶିଆ ରୋଗ |



# ମସୂର

କିସମ - ପୁଷା ସଫେଦ, ପୁଷାଲାଲ,ଏଚ -41, ଏସ ପି -9,
ଦେଶୀ ରେଡ, ଦେଶୀ ହ୍ୱାଇଟ |
ଲଗାଇବା ସମୟ - ଜୁନ ଏବଂ ସେପ୍ଟେମ୍ବର |
ବିହନ ପରିମାଣ - ଏକର ପ୍ରତି 2୪000 ଖଣ୍ଡ ଡାଳ |
ଲଗାଇବା ଦୂରତା - ଧାଡିକୁ ଧାଡି 60 ସେମି., ଗଛକୁ ଗଛ 25 ସେମି.
ଅମଳ - ଏକର ପ୍ରତି ୪0 କୁଇଣ୍ଟାଲ |

ଖତ ,ସାର ପ୍ରୟୋଗ -
ଲଗେଇବା ସମୟରେ ଏକର ପ୍ରତି 50 କୁଇଣ୍ଟାଲ କମ୍ପୋଷ୍ଟ ଖତ , 10 କିଗ୍ରା. ଯବକ୍ଷାରଜାନ , 20 କିଗ୍ରା ଫସଫରସ ଓ 30 କିଗ୍ରା: ପଟାସ ସାର ଆବଶ୍ୟକ | ଏହାର 4 ସପ୍ତାହ ପରେ 10 କିଗ୍ରା. ଯବକ୍ଷାରଜାନ ଦରକାର |

ରୋଗ /ପୋକ -
ପତ୍ରଖିଆ ପୋକ
ଘୁଣି ପୋକ



# କଦଳୀ

କିସମ - ପାଚିଲା -ଚମ୍ପା, ପାଟକପୁରା, କାବୁଲି, ରୋବଷ୍ଟା, କଞ୍ଚା- ବନ୍ତଳ,
ପାଉଁଶିଆ ବନ୍ତଳ , ଗଜ ବନ୍ତଳ ,ଦକ୍ଷୀଣ ସାଗର ,ଦେଶୀ |
ଲଗାଇବା ସମୟ - ଜୁନ - ଜୁଲାଇ |
ଲଗାଇବା ବ୍ୟବଧାନ - ଡେଙ୍ଗା ଗଛ - 2ମି. x 2ମି., ଗେଡା
ଗଛ - 1.୪ମି . X 1.୪ ମି .
ଗାତର ଆକାର - 50ସେ.ମି. x 50ସେ.ମି. x 50ସେ.ମି.
ଅମଳ - ଏକର ପ୍ରତି 200 ରୁ 250 କୁଇଣ୍ଟାଲ |

ଖତ ସାର ପ୍ରୟୋଗ- ଲଗାଇବା ସମୟରେ ପ୍ରତି ଗାତରେ 1 ଝୁଡି କମ୍ପୋଷ୍ଟ ଖତ ଦେବା ଦରକାର |
(ଗଛ ପ୍ରତି ଗ୍ରାମ ସାର- )

| | ଯବକ୍ଷାରଜାନ | ଫସଫରସ | ପଟାସ |
|---|---|---|---|
| ଲଗାଇବା ବେଳେ | 25 | 30 | 100 |
| 2 ମାସ ପରେ | 25 | 30 | 100 |
| 3 ମାସ ପରେ | 40 | -- | -- |
| 4 ମାସ ପରେ | -- | 25 | 100 |

ରୋଗ/ପୋକ- ପତ୍ର ଚିତା ରୋଗ | ସିଗାଟୋକା ରୋଗ |

# ଗୋଷ୍ଠି ପରିଚାଳିତ ବିହନ କେନ୍ଦ୍ର

## ସହାୟତାକାରୀ ସଂସ୍ଥା







ଯେଉଁ ଗ୍ରାମ ରେ ଯାତାୟତ ର ସୁବିଧା
ଥିବ ଅନ୍ୟ ଗ୍ରାମ ସହିତ ଯୋଗାଯୋଗ ଭଲ ଥିବ ସେହି
ଗ୍ରାମରେ ବିହନ କେନ୍ଦ୍ର କରିବା ଆବଶ୍ୟକ

## ସୋହଯୋଗକାରି ସଂସ୍ଥା




## ବିହନ କେନ୍ଦ୍ର କେମିତି କାର୍ଯ୍ୟ କରିବ






# ଜୈବିକ ଖତ




## ଘନ ଜୀବାମୃତ

### ଆବଶ୍ୟକୀୟ ସାମଗ୍ରୀ

| | |
|---|---|
| • ଏକ ସପ୍ତାହର ଗୋବର | - ୧୦୦ କି.ଗ୍ରା |
| • ଗୁଡ | - ୨ କି.ଗ୍ରା |
| • ବେସନ କିମ୍ବା ବିରିଚୂନା | - ୨ କି.ଗ୍ରା କିମ୍ବା ମୁଗଚୂନା |
| • ଉଈ ହୁଙ୍କା ମାଟି କିମ୍ବା | - ୧ ମୁଠା ବର ଗଛ ତଳମାଟି |
| • ଗୋମୂତ୍ର | - ଆବଶ୍ୟକ ଅନୁଯାଇ |
| • ପଲିଥିନ ଚାଦର | - ୧ ଟି |

### ଉପାଦେୟତା

ମୃତ୍ତିକାରେ ଅଣୁଜୀବର ପରିମାଣ ବଢାଇବା ପାଇଁ ଏବଂ ଫସଲକୁ ଠିକ ଭାବରେ ଖାଦ୍ୟସାର  ମିଳିବା ପାଇଁ ଏହି ଘନ ଜୀବାମୃତ ପ୍ରୟୋଗ କରାଯାଏ। ଏହାର ପ୍ରସ୍ତୁତ ପ୍ରଣାଳୀ ଓ ଆବଶ୍ୟକ ପଦାର୍ଥ ସହଜରେ ମିଳିପାରେ। ଛୋଟ ଓ ନାମ ମାତ୍ର ଚାଷୀ ଏହାକୁ ପ୍ରସ୍ତୁତ କରି ପ୍ରୟୋଗ କରିପାରିବେ ।

### ପ୍ରସ୍ତୁତି ପ୍ରଣାଳୀ

ଆବଶ୍ୟକ ଅନୁସାରେ ଗୋବର, ଗୁଡ, ଡାଲି ଚୂନା ଏବଂ ମାଟିକୁ ଭଲ ଭାବରେ ଏକ ପଲିଥିନ ଚାଦର ଉପରେ ମିଶାନ୍ତୁ ।
ଏହି ମିଶ୍ରଣରେ ଗୋମୂତ୍ରକୁ ଧୀରେ ଧୀରେ ମିଶାନ୍ତୁ, ଯେପରି କି ଏହା ଏକ କଠିନ ଅବସ୍ଥାକୁ ଆସିବ ।
ଏହାକୁ ଘଷି ପାରିଲାପରି ପାରି ଛାଇ ସ୍ଥାନରେ ଶୁଖାନ୍ତୁ  କିମ୍ବା ଏକ ଛାଇ ସ୍ଥାନରେ ଏହାକୁ ଖେଳାଇ ଶୁଖାନ୍ତୁ ।

### ପ୍ରୟୋଗ ପ୍ରଣାଳୀ

୧୦କେ.ଜି ଘନ ଜୀବମୃତକୁ ଗୁଣ୍ଡ କରି ୧୦୦କେ.ଜି ସଢା ଗୋବର ଖତରେ ଭଲ ଭାବରେ ମିଶାନ୍ତୁ ।  ଶେଷ ଥର ହଳ କରିବା ପୂର୍ବରୁ, ଏହି ମିଶ୍ରଣକୁ ଜମିରେ ପ୍ରୟୋଗ କରି ହଳ କରି ଦିଅନ୍ତୁ ।





ଗୋବର



ଗୋମୂତ୍ର



ପ୍ଲାଷ୍ଟିକ ଡ୍ରମ



ଗୁଡ



ଡାଲି ଚୂନା



ଉଈ ହୁଙ୍କା ମାଟି

# ଜୀବାମୃତ

## ଆବଶ୍ୟକୀୟ ସାମଗ୍ରୀ

- ଗୋଟିଏ ବଡ ଡ୍ରମ - ୨୦୦ ଲିଟରରୁ ଅଧିକ ଜଳ ଧାରଣ କରିପାରୁଥିବ
- କଞ୍ଚା ଗୋବର - ୧୦ କି.ଗ୍ରା.
- ଗୋମୂତ୍ର - ୫ ରୁ ୧୦ ଲିଟର
- ଗୁଡ - ୨ କି.ଗ୍ରା.
- ଡାଲି ଚୂନା - ୨ କି.ଗ୍ରା.
- ଉଈ ହୁଙ୍କା ବା ବରଗଛ ତଳ ଉର୍ବର ମାଟି - ୧ କି.ଗ୍ରା.

## ଉପାଦେୟତା

ଏକ ଡ୍ରମରେ ୨୦୦ଲିଟର ପାଣି ନିଅନ୍ତୁ । ଉପରେ ଦର୍ଶାଯାଇଥିବା ସାମଗ୍ରୀକୁ ସେଥିରେ ଭଲ ଭାବରେ ମିଶାନ୍ତୁ । ଏହାପରେ ଡ୍ରମର ମୁହଁକୁ ଭଲ ଭାବରେ ବନ୍ଦ କରି ଏକ ଛାଇ ଜାଗାରେ ରଖନ୍ତୁ । ପ୍ରତିଦିନ ମିଶ୍ରଣକୁ ଏକ ବାଡି ସାହାଯ୍ୟରେ ସକାଳ ଓ ସନ୍ଧ୍ୟାରେ ଗୋଳାନ୍ତୁ । ଏହି ପରି ୭ ଦିନ ପର୍ଯ୍ୟନ୍ତ କରନ୍ତୁ ,ଏହାଦ୍ୱାରା ଗୋବର, ଗୋମୂତ୍ର ଏବଂ ଉର୍ବର ମୃତ୍ତିକାରେ ଥିବା ଅଣୁଜୀବ ମାନଙ୍କ ସଂଖ୍ୟା ବୃଦ୍ଧି ପାଇ ସମୁଦାୟ ମିଶ୍ରଣ ଜୀବାମୃତରେ ପରିଣତ ହୋଇଯିବ ।

## ପ୍ରସ୍ତୁତି ପ୍ରଣାଳୀ

ଡ୍ରମରୁ ଜୀବାମୃତକୁ ଭଲ ଭାବରେ ଛାଣି, ୯ ରୁ ୧୨ ଦିନ ମଧ୍ୟରେ ପ୍ରୟୋଗ କଲେ ଅଣୁଜୀବମାନେ ସକ୍ରିୟ ହୋଇ ଗଛକୁ ଖାଦ୍ୟସାର ପ୍ରଦାନ କରିଥାନ୍ତି ।
ଜଳ ସେଚନ ସମୟରେ ସେଚିତ ଜଳ ସହ ବୁନ୍ଦା ବୁନ୍ଦା କରି ପ୍ରବାହିତ କରି ଦିଅନ୍ତୁ କିମ୍ବା ୧୦ ଲିଟର ପାଣିରେ ୧ ଲିଟର ଜୀବମୃତକୁ ଗୋଳାଇ ସିଂଚନ ଯନ୍ତ୍ର ସାହାଯ୍ୟରେ ପତ୍ର ସିଂଚନ କରନ୍ତୁ ।
ଫଳଗଛ ବା ଫୁଲଗଛ ଆଦିର ମୂଳରେ ମୃତ୍ତିକାରେ ଆଦ୍ରତା ଥିବା ସମୟରେ ସିଞ୍ଚନ କରନ୍ତୁ ।

## ପ୍ରୟୋଗ ପ୍ରଣାଳୀ

ଗୁଡକୁ ଡ୍ରମର ଦ୍ରବଣରେ ମିଶାଇବା ପୂର୍ବରୁ ଏହାକୁ ଗୁଣ୍ଡ କରି ବା ପାଣିରେ ବତୁରାଇ ମିଶାନ୍ତୁ ।
ଡାଲିଚୂନାକୁ ମଧ୍ୟ ଦ୍ରବଣରେ ମିଶାଇବା ପୂର୍ବରୁ ଅନ୍ୟ ଏକ ପାତ୍ରରେ ଥଣ୍ଡା ପାଣି ନେଇ ଗୋଳାଇ ମିଶାନ୍ତୁ ।
ଯଦି ଏହି ଦୁଇ ସାମଗ୍ରୀକୁ ସିଧାସଳଖ ଡ୍ରମରେ ଥିବା ଦ୍ରବଣରେ ମିଶାଇବେ ତାହା ବିଣ୍ଡା ହୋଇ ଯିବ ।

# ହାଣ୍ଡି ଖତ




## ଆବଶ୍ୟକୀୟ ସାମଗ୍ରୀ

- ବଡ ମାଠିଆ - ଆନୁମାନିକ (୫ - ୭ ଲିଟର କ୍ଷମତା) - ୧ଟା
- ଦୁଇ ଦିନର ଗୋବର - ୧ କି.ଗ୍ରା.
- ଗୋମୂତ୍ର - ୫ ଲିଟର
- ଗୁଡ - ୫୦ ଗ୍ରାମ
- କରଞ୍ଜ ପତ୍ର - ୧ କି.ଗ୍ରା.
- ନିମ୍ବ ପତ୍ର - ୧ କି.ଗ୍ରା.
- ଅରଖ ପତ୍ର - ୧ କି.ଗ୍ରା.
- ବାଡି - ୧ଟି
- ଛଣା କପଡା - ୧ ଟି

## ପ୍ରସ୍ତୁତି ପ୍ରଣାଳୀ

ନିମ୍ବ, ଅରଖ ଓ କରଞ୍ଜ ପତ୍ରକୁ ଟିକି ଟିକି କରି କାଟନ୍ତୁ ଏବଂ ମାଠିଆ ଭିତରେ ପକାନ୍ତୁ । ଏହାପରେ ଆବଶ୍ୟକୀୟ ଗୋବର, ଗୋମୂତ୍ର ଏବଂ ଗୁଡକୁ ମାଠିଆରେ ପକାଇ ଏକ ବାଡି ଦ୍ୱାରା ଭଲ ଭାବରେ ଘାଣ୍ଟନ୍ତୁ । ପରେ ମାଠିଆର ମୁହଁକୁ ଭଲ ଭାବରେ ଘୋଡାଇ ଦିଅନ୍ତୁ । ଏହି ମିଶ୍ରଣକୁ ୧୦ ଦିନ ଏକ ନିରାପଦ ଓ ଛାଇ ସ୍ଥାନରେ ରଖନ୍ତୁ । ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ଏକ ବାଡି ସାହାଯ୍ୟରେ ଘାଣ୍ଟି ମାଠିଆ ମୁହଁକୁ ଘୋଡାଇ ଦିଅନ୍ତୁ । ୧୦ ଦିନପରେ ଅନ୍ୟ ଏକ ପାତ୍ରକୁ ଏକ ଛଣା କପଡା ସାହାଯ୍ୟରେ ତରଳ ହାଣ୍ଡିଖତକୁ ଛାଣନ୍ତୁ । ଏହି ତରଳ ପଦାର୍ଥକୁ ୬ ମାସ ପର୍ଯ୍ୟନ୍ତ ରଖି ବ୍ୟବହାର କରି ପାରିବେ । ମାଠିଆରୁ ତରଳ ପଦାର୍ଥ ନିଷ୍କାସନ ପରେ ପୁନର୍ବାର ଏଥିରେ ୫ ଲିଟର ଗୋମୂତ୍ର ମିଶାଇ, ଭଲ ଭାବରେ ଘାଣ୍ଟି ପୁଣି ୧୦ ଦିନ ପାଇଁ ଘୋଡାଇ ଦିଅନ୍ତୁ । ଏହିପରି ତରଳ ହାଣ୍ଡିଖତ ନିଷ୍କାସନ କରି ଓ ଗୋମୂତ୍ର ପୁନର୍ବାର ମିଶାଇ ଏହାକୁ ତିନିଥର ପର୍ଯ୍ୟନ୍ତ ବ୍ୟବହାର କରି ପାରିବେ । ତିନିଥର ବ୍ୟବହାର ପରେ ମାଠିଆରେ ଥିବା ଖତକୁ ଜମିରେ ପକାଇ ଦିଅନ୍ତୁ ।

## ପ୍ରୟୋଗ ପ୍ରଣାଳୀ

ମାଣ୍ଡିଆ ରୋପାର ୨୦-୩୦ ଦିନ ପରେ ୧ ଲିଟର ହାଣ୍ଡିଖତରେ ୪୦ ଲିଟର ପାଣି ମିଶାଇ ପ୍ରତିଷେଧକ ରୂପେ ବ୍ୟବହାର କରନ୍ତୁ

ଫସଲରେ ରୋଗ ଓ ପୋକ ଲାଗିରେ ୧ ଲିଟର ହାଣ୍ଡିଖତରେ ୨୦ ଲିଟରେ ପାଣି ମିଶାଇ ନିରାକରଣ ପାଇଁ ପ୍ରୟୋଗ କରନ୍ତୁ ଏହା ପତ୍ରକଟା ପୋକ, ନଳିପୋକ, ଲେଡାପୋକ, ପତ୍ରମୋଡା ପୋକ ମାନଙ୍କୁ ଦମନ କରେ ।

୧ ଲିଟର ପାଣିରେ ୨୦ ମି.ଲି. ହାଣ୍ଡିଖତ ମିଶାଇ ଯେ କୌଣସି ବିହନ କୁ ୧୫ ରୁ ୨୦ ମିନିଟ ପର୍ଯ୍ୟନ୍ତ ବତୁରାଇ ବୁଣିପାରିବା । ଏହା ଫସଲକୁ କବକ ଓ ଜୀବାଣୁ ଜନିତ ରୋଗରୁ ରକ୍ଷା କରିଥାଏ ।




# ବ୍ରହ୍ମାସ୍ତ୍ର

## ଆବଶ୍ୟକୀୟ ସାମଗ୍ରୀ

- ବଡ ମାଠିଆ - ଆନୁମାନିକା (୫ - ୭ ଲିଟର କ୍ଷମତା) - ୧ଟା
- ଆତ ପତ୍ର - ୨ କି.ଗ୍ରା.
- ଗୋମୂତ୍ର - ୧୦ଲିଟର
- ଅମୃତଭଣ୍ଡା ପତ୍ର - ୨ କି.ଗ୍ରା.
- ଡ଼ାଳିମ୍ବ ପତ୍ର - ୧ କି.ଗ୍ରା.
- ନିମ୍ବ ପତ୍ର - ୩ କି.ଗ୍ରା.
- ପିଜୁଳି ପତ୍ର - ୨ କି.ଗ୍ରା.

## ପ୍ରସ୍ତୁତି ପ୍ରଣାଳୀ

ଏକ ପ୍ଲାଷ୍ଟିକ ଡ୍ରମ ନିଅନ୍ତୁ । ସେଥିରେ ୧୦ ଲିଟର ଗୋମୁତ୍ର ଢାଳନ୍ତୁ । ୩ କି.ଗ୍ରା. ନିମ୍ବ ପତ୍ରକୁ ଛେଚି ଏହାର ମଣ୍ଡକୁ ମିଶାନ୍ତୁ । ଏହା ପରେ ସେଥିରେ ୨ କି.ଗ୍ରା. ଆତ ପତ୍ର ମଣ୍ଡ , ୨ କି.ଗ୍ରା. ଅମୃତ ଭଣ୍ଡା ପତ୍ର ମଣ୍ଡ, ୨ କି.ଗ୍ରା. ଡାଳିମ୍ବ ପତ୍ର ମଣ୍ଡ, ୨ କି.ଗ୍ରା. ପିଜୁଳି ପତ୍ର ମଣ୍ଡ ମିଶାଇ ଭଲ ଭାବରେ ଏକ ବାଡି ସାହାଯ୍ୟରେ ଗୋଳାନ୍ତୁ । ଏହି ମିଶ୍ରଣକୁ ୩୦ ମିନିଟ ଲେଖାଏଁ ପ୍ରତି ୧ ଘଣ୍ଟା ବ୍ୟବଧାନରେ ଫୁଟାନ୍ତୁ । ମିଶ୍ରଣଟି ଥଣ୍ଡା ହେଲାପରେ ଗୋଟିଏ ପତଳା କପଡାରେ ଛାଣି ୨୪ ଘଣ୍ଟା ରଖନ୍ତୁ ଏବଂ ଡ୍ରମର ମୁହଁକୁ ଭଲ ଭାବରେ ଘୋଡାଇ ଦିଅନ୍ତୁ ।

## ପ୍ରୟୋଗ ପ୍ରଣାଳୀ

୧ ଲିଟର ବ୍ରହ୍ମାସ୍ତ୍ରରେ ୫୦ ଲିଟର ପାଣି ମିଶାଇ ସନ୍ଧ୍ୟା ସମୟରେ ଜମିରେ ପ୍ରୟୋଗ କରନ୍ତୁ ।
ପ୍ରତି ୧୫ ଦିନରେ ଥରେ ପ୍ରୟୋଗ କରନ୍ତୁ ।
ଏହି ବ୍ରହ୍ମାସ୍ତ୍ର ଫସଲରେ ଲାଗୁଥିବା କାଣ୍ଡ ବିନ୍ଧା ପୋକ, ଶୋଷକ ପୋକ, ସାଆଁବାଳୁଆ ପୋକ ମାନଙ୍କୁ ଦମନ କରିଥାଏ ।
ଏହି ମିଶ୍ରଣକୁ ମଧ୍ୟ ପନିପରିବା, ଫଳ ଗଛ, ଫୁଲ ଗଛରେ ମଧ୍ୟ ପ୍ରୟୋଗ କରି ପାରିବେ ।
ଏହି ମିଶ୍ରଣକୁ ପ୍ରସ୍ତୁତ ହେବାର ଦିନରୁ ୬ ମାସ ପର୍ଯ୍ୟନ୍ତ ରଖି ବ୍ୟବହାର କରି ପାରିବେ ।